# Akashvani, Sambalpur

## SAMBALPURI NEWS EVENING BULLETIN

## 6 March 2026-7.02- 7.12 pm.

---

୧- ସମବାୟ ସଂସ୍ଥା ଜରିଏ ଓଡ଼ିଶାର୍ କୃଷକ୍, ଗ୍ରାମୀଣ୍ ଜନଜୀବନ୍ ମହିଳାମାନ୍‌କୁ ଆତ୍ମନିର୍ଭରଶୀଳ କରାଯିବା ।

- ପାରାଦ୍ୱୀପ୍ ଠାନେ ଇଫ୍‌କୋ ସଲ୍‌ଫ୍ୟୁରିକ୍ ଏସିଡ୍ ପ୍ଲାଂଟ୍‌କେ ଉଦ୍‌ଘାଟନ୍ କରି କହେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ଇ ବଛର୍ ଶେଷ୍‌ତକ୍ ଦେଶ୍ ହେବା ମାଓବାଦୀ ମୁକ୍ତ ।

- ଭୁବ୍‌ନେଶ୍ୱର୍ ନ ରାଜ୍ୟର୍ ପହେଲା କେନ୍ଦ୍ରୀୟ ଫରେନ୍‌ସିକ୍ ବିଜ୍ଞାନ୍ ପରୀକ୍ଷାଗାର୍‌ର କଲେ ଭିତିପ୍ରସ୍ତର୍ ଥାପ୍‌ନା ।

୨- ରାଜ୍ୟସଭା ନିର୍ବାଚନ୍ ଲାଗି ଓଡ଼ିଶାର୍ ୫ ଝନ୍ ପ୍ରାର୍ଥୀଙ୍କର୍ ପ୍ରାର୍ଥୀପତ୍ର ରହିଛେ କାଏମ୍ ।

୩- ବାହାରିଲା ସର୍ବଭାରତୀୟ ପ୍ରଶାସନିକ୍ ସେବା ପରୀକ୍ଷା ଫଲ୍ ।

- ସର୍ବଭାରତୀୟ ସ୍ତର୍ ନ ପହେଲା ଠାନ୍ ଅଧିକାର୍ କଲେ ଅନୁଜ୍ ଅଗ୍ନିହୋତ୍ରୀ ।

ଆଉର୍

୪-  ୯୦ ପ୍ରତିଶତ୍ ମତଦାତାଙ୍କର୍ ଚିହ୍ନଟ୍ ପ୍ରକ୍ରିୟା ହେଲା ଶେଷ୍ - କହେଲେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ।

ସ୍ୱରାଷ୍ଟ୍ରମନ୍ତ୍ରୀ          ଆର୍‌ଏନ୍‌ୟୁ/ କଟକ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏଜ୍ ଓଡ଼ିଶା ଗସ୍ତଥି ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ଶ୍ରୀ ଶାହା ଭିନ୍ ଭିନ୍ ଉନ୍ନୟନ୍ ମୂଲକ୍ ପ୍ରକଳ୍ପର୍ ଶିଳାନ୍ୟାସ୍ କରିଛନ୍ । ଉପର୍‌ବେଲା ପାରାଦ୍ୱୀପ୍ ନ ଇଫ୍‌କୋ ସଲ୍‌ଫ୍ୟୁରିକ୍ ଏସିଡ୍ କାର୍‌ଖାନାକେ ରାଷ୍ଟ୍ର ଉଦ୍ଦେଶ୍‌ଥି ଉତ୍ସର୍ଗ କରିକରି ଶ୍ରୀ ଶାହା କହିଛନ୍, ଓଡ଼ିଶା ନ ଭର୍‌ପୁର୍ ଖଣିଜ ଦରବ୍ ରହିଛେ । ରାଜ୍ୟର୍ ସବୁ ସମ୍ଭାବନାକେ ବିନିଯୋଗ୍ କରାଯାଇକରି ଜନଜାତି ଆଉ ପଛୁଆ ବର୍ଗଙ୍କର୍ ଉନ୍ନତି କରାଯିବା । ସାର୍ ଉତ୍ପାଦନ୍ କ୍ଷେତ୍ରଥି ଦେଶ୍‌କେ ଆତ୍ମନିର୍ଭର୍ କର୍‌ବାର୍ ଦିଗେ ଇଟା ଗୁଟେ ଯୁଗାନ୍ତକାରୀ ପଦକ୍ଷେପ୍ । ନୂଆଁ ପ୍ଲାଂଟ୍ ଜରିଏ ଦିନ୍‌କ ପାଖାପାଖି ୨ ଶହ ଟନ୍ ସଲ୍‌ଫ୍ୟୁରିକ୍ ଏସିଡ୍ ଉତ୍ପାଦନ୍ ହେବା । ଯେନ୍‌ଥିର୍ ଜରିଏ ଦେଶର୍ ଆମ୍‌ଦାନୀ ନିର୍ଭରଶୀଳତା କମ୍‌ବା । ପାଖାପାଖି ୭ ଶହ ୫୦

କୋଟି ଟଙ୍କାର ଇ ବିଶାଳ ପୁଞ୍ଜିନିବେଶ୍ ଓଡ଼ିଶା ଶିଳ୍ପକ୍ଷେତ୍ରକେ ଗୁଟେ ନୂଆଁ ଶକ୍ତି ଦେବା ବଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ ।

ଇଫ୍‌କୋ ନାନୋ ୟୁରିଆ, ଡିଏପି ଜରିଏ ରାସାୟନିକ୍ ସାର୍‌ର ବେଭାର୍‌କେ ବହୁତ୍ ମାତ୍ରାଥି କମ୍ କରାଯାଇଛେ । ଇ କ୍ଷେତ୍ରଥି ଇଫ୍‌କୋ ପୁର୍‌ଥିର୍ ସବୁନୁ ବଡ଼ ସମବାୟ ସଂସ୍ଥା ଭାବେ ଉଭା ହେଇଛେ । ଇତାର୍ ୩୬ ହଜାର୍ ସମବାୟ ୟୁନିଟ୍ ରହିଛେ । ଯେନ୍‌ଥିରେ ୫ କୋଟି କୃଷକ୍ ସଦସ୍ୟ ରହେବାର୍ ସହେତେ ଲାଭ୍ ପାଉଛନ୍ ।

ସମବାୟ ସଂସ୍ଥା ଜରିଏ ଆଏବା ଦିନେ ଓଡ଼ିଶାର୍ କୃଷକ୍, ଗ୍ରାମୀଣ୍ ଜନଜୀବନ୍ ମହିଲା ଆଉ ୟୁଆନ୍ ଟୁକେଲ୍ ମାନ୍‌କୁ ଆତ୍ମନିର୍ଭରଶୀଳ କର୍‌ବାର୍ ଦିଗେ କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ କାମ୍ କର୍‌ବେ ବଲି ଶ୍ରୀ ଶାହା କହିଛନ୍ । ଗୁଜ୍‌ରାତ୍ ବାଗିର୍ ଓଡ଼ିଶା ନ ଭିଲ୍ ବିକାଶ୍ ଶିଘାକେ ପୁହୁଁଚିବା, ଯେନ୍‌ଥିର୍‌ଲାଗି ରାଜ୍ୟର୍ ଗାଁ ଇଲାକାର୍ ଲୁକ୍‌କର୍ ଜୀବନ୍ ଜୀଇଁବାର୍ ଶୈଲୀଥି ଉନ୍ନତି ହେବା । ବିକଶିତ୍ ରାଜ୍ୟ ତାଲିକାଥି ଆଏବା ଦିନେ ଓଡ଼ିଶା ଠାନ୍ ପାଏବା ବଲି ସ୍ୱରାଷ୍ଟ୍ରମନ୍ତ୍ରୀ ଆଶ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ପାରାଦ୍ୱୀପ୍ ଇହାଦେ ଶିଳ୍ପ ନିବେଶ୍‌ର ମୁଖିଆ କେନ୍ଦ୍ର

ହେଇଛେ ବଲି କହିଛନ୍ । କେନ୍ଦ୍ର ସର୍କାର୍ଙ୍କର୍ ସହଯୋଗ୍ଥି ଭୁବ୍ନେଶ୍ୱର୍, କଟକ୍, ପାରାଦ୍ୱୀପ୍, ପୁରୀକେ ନେଇକରି ଗୁଟେ ବହୁତ୍ ବଡ଼ ଇକୋନୋମିକ୍ ରିଜିଅନ୍ ଗଠନ୍ କରାଯାଉଛେ । ଆଏବା ଦିନେ ଇ ଇଲାକା ଗୁଟେ ଅର୍ଥନୈତିକ୍ ହବ୍ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଇତାର୍ ଉତ୍ରୁ ଭୁବ୍ନେଶ୍ୱର୍ ୟୁନିଟ୍- ୩ ଇଡ୍କୋ ପ୍ରଦର୍ଶନୀ ପଡ଼ିଆ ନ ସମବାୟ କ୍ଷେତ୍ର ସାଙ୍ଗେ ଜଡ଼ିତ ବହୁତ୍ଟେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ ।

ଇଥି ରାଜ୍ୟ ସମବାୟ ନୀତି ପ୍ରକାଶନ୍, ନୂଆଁ ନ୍ୟାୟ ସଂହିତା ପ୍ରଦର୍ଶନୀକେ ଉଦ୍ଘାଟନ୍, ୨୦ ଟା ସାଇବର୍ ଥାନା, ରାଜ୍ୟର୍ ପହେଲା କେନ୍ଦ୍ରୀୟ ଫରେନ୍ସିପ୍ ବିଜ୍ଞାନ୍ ପରୀକ୍ଷାଗାର୍ ରହିଛେ । ଇତାର୍ ସହେତେ ଭିନ୍ ଭିନ୍ ବୁଝାମଣା ପତ୍ର ଭିଲ୍ ସ୍ୱାକ୍ଷରିତ୍ ହେଇଥିବାର୍ ଜନାପଡ଼ିଛେ ।

ବେଲ୍ବୁଡ଼େ ବିଜେପି ରାଜ୍ୟ କାର୍ଯ୍ୟାଳୟ ନ ଶ୍ରୀ ଶହା ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ କର୍ବେ ବଲି ରାଜ୍ୟ ବିଜେପି କାର୍ଯ୍ୟାଳୟ ତର୍ଫୁ ସୂଚ୍ନା ଦିଆଯାଇଛେ । ବୈଠକ୍ଥି ରାଜ୍ୟ ସଭାପତି ମନମୋହନ୍ ସାମଲ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ

ତୋମାର୍ ଉପସ୍ଥିତ୍ ରହେବେ । ବୈଠକ୍‌ଥି ରାଜ୍ୟସଭା ନିର୍ବାଚନ୍ ଆଉ ରାଜ୍ୟ ସଂଗଠନ୍ ବାବ୍‌ଦେ ଆଲୋଚନା ହେଇପାରେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ଦେଶର୍ ଔଦ୍ୟୋଗିକ୍ ବିକାଶ୍- କେନ୍ଦ୍ରୀୟ ଔଦ୍ୟୋଗିକ୍ ସୁରକ୍ଷା ବଳ - ସିଆଇଏସ୍‌ଏଫ୍ ବିନା ଅସମ୍ଭବ୍ ବଲି ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା କହିଛନ୍ । ସିଆଇଏସ୍‌ଏଫ୍‌ର ୫୭ ତମ ଥାପ୍‌ନା ଦିବସ୍ ସମାରୋହଥି କଟକ୍ ମୁଣ୍ଡୁଲି ନ ଥିବା ସିଆଇଏସ୍‌ଏଫ୍‌ର ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀ ଶାହା କହିଛନ୍, ଇ ମାସର୍ ଶେଷ୍‌ତକ୍ ଦେଶ୍‌କେ ମାଓବାଦୀ ମୁକ୍ତ କରାଯିବା । ମାଓବାଦୀ ମାନ୍‌କର୍ ମୁଲ୍‌ପୋଛ୍ ଥି ସିଆଇଏସ୍‌ଏଫ୍‌ର ମୁଖିଆ ଭୂମିକା ରହିଛେ । ବୀରତା, ତ୍ୟାଗ, ବଳିଦାନ୍ ମନୋଭାବ୍ ସହେତେ ସବୁ ପରିସ୍ଥିତିର୍ ମୁକାବିଲା ଲାଗି ସିଆଇଏସ୍‌ଏଫ୍ ସବୁବେଲେ ପ୍ରସ୍ତୁତ୍ ଥିସି । ଆଗ୍‌କେ ବନ୍ଦର୍ ମାନ୍‌କର୍ ସୁରକ୍ଷା ଦାୟିତ୍ୱ ସିଆଇଏସ୍‌ଏଫ୍‌କେ ହସ୍ତାନ୍ତର୍ କରାଯିବା । ଡ୍ରୋନ୍ ସୁରକ୍ଷାଥି ଭିଲ୍ ସିଆଇଏସ୍‌ଏଫ୍ ନୋଡ଼ାଲ୍ ଏଜେନ୍ସି ଭାବେ କାମ୍ କରୁଛେ । ସବୁ କ୍ଷେତ୍ରଥି ଉତ୍କୃଷ୍ଟ ଆଉ ବିଶିଷ୍ଟ ସେବା ଲାଗି ସିଆଇଏସ୍‌ଏଫ୍ ୧୩ ହଜାର୍ ୭ ଶହ ଟା ପଦକ୍ ପାଇଛେ । ୨୦୪୭ ମସିହାତକ୍

ବିକଶିତ୍ ଭାରତ୍ ଗଠନ୍‌ଥି ସିଆଇଏସ୍‌ଏଫ୍ ମୁଖିଆ ଭୂମିକା ନେବା ବଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ଅମିତ୍ ଶାହା)

ସ୍ୱରାଷ୍ଟ୍ରମନ୍ତ୍ରୀ ଆଏଜ୍ ମୁଣ୍ଡୁଲି ନ ୮ ଶହ ୯୦ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ । ଇତାର୍ ସହେତେ ଭିନ୍ ଭିନ୍ ବିଭାଗ୍ ସହେତେ ଜଡ଼ିତ୍ ୧ ହଜାର୍ ଶହେ ୫୯ କୋଟିନୁ ଅଏତ୍‌କା ଟଙ୍କାର୍ ୬୯ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ ସହେତେ ୨ ହଜାର୍ ଶହେ ୧୬ କୋଟି ଟଙ୍କାର୍ ଶହେ ୩୦ ଟା ପ୍ରକଳ୍ପର୍ ଭିତିପ୍ରସ୍ତର୍ ଥାପ୍‌ନା କରିଥିଲେ ।

ରାଜ୍ୟସଭା ନାମାଙ୍କନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

୧୦ ରାଜ୍ୟର୍ ୩୭ ଟା ରାଜ୍ୟସଭା ଆସନ୍ ଲାଗି ଆଏଜ୍ ନାମାଙ୍କନ୍ ପତ୍ର ଯାଂଚ୍ ହେଇଛେ । ୬ ଝନ୍‌କର୍ ଭିତ୍‌ରୁ ୫ ଝନ୍ ପ୍ରାର୍ଥୀଙ୍କର୍ ପ୍ରାର୍ଥୀପତ୍ର କାଏମ୍ ରହିଛେ । ଆଏବା ସୋମ୍‌ବାର୍‌ତକ୍ ନାମାଙ୍କନ୍‌ପତ୍ର ପ୍ରତ୍ୟାହାର୍ କରାଯାଇପାର୍‌ବା । ଗଲାକାଏଲ୍ ବିଜେପି ତରଫୁ ମନ୍‌ମୋହନ୍ ସାମଲ୍, ସୁଜିତ୍ କୁମାର୍ ଆଉ

ସ୍ୱାଧୀନ୍ ପ୍ରାର୍ଥୀ ଦିଲ୍ଲୀପ୍ ରାୟ ନାମାଙ୍କନ୍ ପତ୍ର ଦାଖଲ୍ କରିଥିଲେ । ବିଜେଡ଼ି ତର୍ଫୁ ଡକ୍ଟର୍ ସନ୍ତୃପ୍ତ ମିଶ୍ର ଆଉ କଂଗ୍ରେସ୍ ଆଉ ବିଜେଡ଼ି ସମର୍ଥନ୍‌ଥି ସାଧାରଣ୍ ପ୍ରାର୍ଥୀ ଭାବେ ଡାକ୍ତର୍ ଦତେଶ୍ୱର୍ ହୋତା ରାଜ୍ୟସଭା ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କରିଥିଲେ । ୫ନେ ନ ପ୍ରାର୍ଥୀମାନେ ତେଲେଙ୍ଗାନାର କାନ୍ତେସାୟାନା ଙ୍କର୍ ପ୍ରାର୍ଥୀପତ୍ର ନାକଚ୍ ହେଇଥିବା ଆମର୍ ସମ୍ବାଦଦାତା ଜନେଇଛନ୍ ।

ଆଏବା ୧୬ ତାରିଖ୍ ଦିନ ଇ ଆସନ୍ ମାନ୍‌କର୍ ଲାଗି ନିର୍ବାଚନ୍ ହେବା । ସେଥିର୍ ଭିତ୍‌ରେ ଓଡ଼ିଶାର୍ ୪ ଟା ରାଜ୍ୟସଭା ଆସନ୍ ରହିଛେ ।

ସାମଗ୍ରୀ ମୂଲ୍ୟ ନିର୍ଦ୍ଧାରଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭିନ୍ ଭିନ୍ ନିର୍ମାଣ୍ ଦରବ୍‌ର ଠିକ୍ ମୂଲ୍ୟ ଧାରିଜ୍ ଲାଗି ପୂର୍ତ, ଆଇନ୍ ଆଉ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ସମୀକ୍ଷା କରିଛନ୍ । ଆଏଜ୍ ସଖାଲ୍‌ବେଲା ହେଇଥିବା ବୈଠକ୍‌ଥି କେନ୍ଦ୍ର ସର୍‌କାର୍, ସଡ଼କ୍ ପରିବହନ୍ ଆଉ ରାଜ୍‌ମାର୍ଗ ମନ୍ତ୍ରଣାଳୟ ଆଉ ଭିନ୍ ଭିନ୍ ରାଏଜେ ଲାଗୁ ହେଇଥିବା ନିର୍ମାଣ୍ ଦରବ୍‌ର ଦାମ୍‌ର ସମୀକ୍ଷା

କରିକରି ରାଏଜେ ଦରବ୍ ମାନ୍‌କର୍ ଠିକ୍ ଦର୍ ଧାରିଜ୍ କର୍‌ବାର୍ ଲାଗି ଆଲୋଚନା ହେଇଥିଲା ।

ସର୍ବଭାରତୀୟ ପ୍ରଶାସନିକ୍ ସେବା ପରୀକ୍ଷା ଏନ୍‌ଏସ୍‌ଡି

ସର୍ବଭାରତୀୟ ପ୍ରଶାସନିକ୍ ସେବା ପରୀକ୍ଷା ଫଲ୍ ଆଏଜ୍ ବାହାରିଛେ । ଇଥି ମୋଟ୍ ୯ ଶହ ୫୮ ଝନ୍ ପରୀକ୍ଷାର୍ଥୀ ସଫଲ୍ ହେଇଛନ୍ । ଅନୁଜ୍ ଅଗ୍ନିହୋତ୍ରୀ ସର୍ବଭାରତୀୟ ସ୍ତର୍‌ଥି ପହେଲା ଠାନେ ରହିଥିବାର୍ ବେଲେ ଓଡ଼ିଶାର୍ ସାତ୍ୱିକ୍ ସତ୍ୟକାମ୍ ଦେବ୍‌ତା ଆଉ ଅମ୍ରିତ୍ ମହାପାତ୍ର ପରୀକ୍ଷାଥି ସଫଲ୍ ହେଇଛନ୍ ।

ଏସ୍‌ଆଇଆର ହି.ସ.

ରାଏଜେ ଆଏବା ୧ ତାରିଖ୍‌ନୁ ସ୍ୱତନ୍ତ୍ର ସଘନ ସଂଶୋଧନ୍-ଏସ୍‌ଆଇଆର୍ ପ୍ରକ୍ରିୟା ମୁଲ୍ ହେବା । ଇ ପ୍ରକ୍ରିୟାଥି ୨୦୨୫ ଭୋଟର୍ ତାଲିକାକେ ୨୦୦୨ ରୋଲ୍ ସହେତେ ମେପିଂ କରାଯାଉଛେ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍.

ଗୋପାଲନ୍ କହିଛନ୍ । ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସେ କହିଛନ୍, ଏବ୍‌ତକ୍ ୯୦ ପ୍ରତିଶତ୍ ଭୋଟର୍‌ଙ୍କର୍ ମେପିଂ ହେଇସାରିଛେ । ଏପ୍ରିଲ୍ ୧ ତାରିଖ୍ ଭିତ୍‌ରେ ୮ ପ୍ରତିଶତ୍ ଲୁକ୍‌କର୍ ମେପିଂ କରାଯିବା । ୯୫ ପ୍ରତିଶତ୍ ଲୁକ୍‌କୁ ମେପିଂ କରିଦେଲେ ଏସ୍‌ଆଇଆର୍ ଲାଗି ସୁବିଧା ହେବା । ୨୦୨୫ ତାଲିକାଥି ଯଦି ନାଁ ଅଛେ, ବେଲେ ଆଧାର୍ କାର୍ଡ୍ ଦେବାର୍ ଦର୍‌କାର୍ ନାଇଁ ପଡ଼େ । ଓଡ଼ିଶା ନ ଏସ୍‌ଆଇଆର୍‌କେ ନେଇକରି ୯୦ ପ୍ରତିଶତ୍ ଲୁକ୍‌କର୍ ଲାଗି କିଛି ସମସ୍ୟା ନାଇଁନ । ଲୁକେ ଇସିଆଇ ନେଟ୍ ମୋବାଇଲ୍ ଆପ୍ ଆଉ କ୍ୟୁଆର୍ କୋଡ୍ ଜରିଏ ଭୋଟର୍ ବିବରଣୀ ପାଇପାର୍‌ବେ ବଲି ଶ୍ରୀ ଗୋପାଲନ୍ କହିଛନ୍ ।

ମହିଳା ଦିବସ        ଦେବ୍‌ଗଡ଼୍ ସମ୍ବାଦଦାତା

ଆନ୍ତର୍ଜାତିକ ମହିଳା ଦିବସ୍ ଅବ୍‌ସରେ ରାଜ୍ୟ ସର୍‌କାର୍‌ଙ୍କର୍ କ୍ରୀଡ଼ା ଆଉ ଯୁବବ୍ୟାପାର୍ ବିଭାଗ୍, ଜିଲ୍ଲା ସମାଜ୍ କଲ୍ୟାଣ୍ ବିଭାଗ୍ ଆଉ ଜିଲ୍ଲା ପ୍ରଶାସନ୍ ସହଯୋଗ୍‌ଥି ଦେବ୍‌ଗଡ଼୍ ଠାନେ ଆଏଜ୍ ଠାନୁ ୮ ତାରିଖ୍‌ତକ୍ ୩ ଦିନିଆ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ପହେଲା

ଦିନେ ଦେବଗଡ୍ ଇନ୍ଡୋର୍ ଷ୍ଟାଡ଼ିୟମ୍ ନ ଶକ୍ତିସ୍ୱରୂପିଣୀ ଶିବିର୍‌କେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ମହିଳା, ଆଶା ଆଉ ଅଙ୍ଗନବାଡ଼ି କର୍ମୀମାନେ ଯୋଗ୍ ଦେଇଥିଲେ ।

ସେନ୍ତା ବର୍‌ଗଡ୍ ଠାନେ ଆନ୍ତର୍ଜାତିକ ମହିଳା ଦିବସ୍ ଅବ୍‌ସରେ ମହିଳାମାନ୍‌କର୍ ସ୍ୱାସ୍ଥ୍ୟ ସଚେତନତା ଆଉ ସକ୍ରିୟ ଜୀବନ୍‌ଶୈଲୀକେ ତହଁକାବାର୍ ଉଦ୍ଦେଶ୍ୟଥି ଲେଙ୍ଗୁମିଶ୍ର ମିନିଷ୍ଟାଡ଼ିୟମ୍ ନ ଯୋଗ ଶିବିର୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ପାଖାପାଖି ୩ ଶହ ଝନ୍ ମହିଳା ଆଉ ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ ।

ସୂଚନା ଅଧିକାର୍ ଆଇନ୍-ପ୍ରଶିକ୍ଷଣ୍ କର୍ମଶାଳା ଦେବ୍‌ଗଡ୍

ଦେବ୍‌ଗଡ୍ ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ସୂଚନା ଅଧିକାର୍ ଆଇନ୍-୨୦୦୫ ପ୍ରଶିକ୍ଷଣ୍ କର୍ମଶାଳା ଜିଲ୍ଲାପରିଷଦ୍ ସମ୍ମିଳନୀ ପରିଷଦ୍ କକ୍ଷ ନ ହେଇଯାଇଛେ । କର୍ମଶାଳାକେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଆଉ ଆରକ୍ଷୀ ଅଧିକ୍ଷକ୍ ଅନୀଲ୍ କୁମାର୍ ମିଶ୍ର ଅତିଥି ଭାବେ ଯୋଗ୍

ଦେଇକରି ଉଦ୍‌ଘାଟନ୍ କରିଛନ୍ । ସୂଚ୍‌ନା ଅଧିକାର୍ ଆଇନ୍ - ୨୦୦୫ ବାବଦ୍ ସବୁ କାର୍ଯ୍ୟାଳୟ ନ ଝନେ ସହକାରୀ ଲୋକସମ୍ପର୍କ ଅଧିକାରୀ କେନ୍ତାକରି ସୂଚନା ଦେଇପାର୍‌ବେ ସେ ବାବ୍‌ଦେ ଅତିଥି ମାନେ ଆଲୋଚନା କରିଛନ୍ । ଇ ଅବ୍‌ସରେ ହେଇଥିବା ଇଂରାଜୀ ବକ୍ତୃତା ପ୍ରତିଯୋଗିତାଥି କୃତୀ ପ୍ରତିଯୋଗୀମାନ୍‌କୁ ପୁରସ୍କୃତ୍ କରାଯାଇଥିଲା ।

## ସୂଚନା ଅଧିକାର୍ ଆଇନ୍ କର୍ମଶାଳା ବୌଦ୍ଧ ସମ୍ବାଦଦାତା

ସର୍‌କାର୍‌ଙ୍କର୍ ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ସୂଚନା ଅଧିକାର୍ ଆଇନ୍ କର୍ମଶାଳା ହେଇଯାଇଛେ । କର୍ମଶାଳାକେ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଉଦ୍‌ଘାଟନ୍ କରିଥିଲେ । ସୂଚନା ଅଧିକାର୍ ଆଇନ୍ ବାବଦ୍ ନୂଆଁ ପୋର୍ଟାଲ୍, ତାର୍ ବେଭାର୍, ଅନ୍‌ଲାଇନ୍ ସୂଚନା ପ୍ରଦାନ୍ ଆଉ ଭିନ୍ ଭିନ୍ ଦିଗ୍ ଉପ୍‌ରେ କର୍ମଶାଳାଥି ଆଲୋଚନା କରାଯାଇଥିଲା । କର୍ମଶାଳାଥି ଜିଲ୍ଲାର୍ ଭିନ୍ ଭିନ୍ ଅଧିକାରୀ ଆଉ କର୍ମଚାରୀ ମାନେ ଯୋଗ୍ ଦେଇଥିଲେ ।

ବାଲ୍ୟବିବାହ ମୁକ୍ତ ଭାରତ୍ ଅଭିଯାନ     ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଖଡ଼ିଆଲ୍ ସ୍ୱୟଂଶାସିତ୍ ମହାବିଦ୍ୟାଳୟ ନ ବାଲ୍ୟବିବାହ ମୁକ୍ତ ଭାରତ୍ ଅଭିଯାନ୍ ବାବ୍‌ଦେ ଗୁଟେ ଆଇନ୍ ସଚେତନତା ଶିବିର୍ ହେଇଯାଇଛେ । ଶିବିର୍‌ଥି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍‌ର ସଚିବ, ମହାବିଦ୍ୟାଳୟର୍ ଅଧ୍ୟକ୍ଷ, ଛାତ୍ରଛାତ୍ରୀ, ଶିକ୍ଷକ୍, ଶିକ୍ଷୟିତ୍ରୀ ଭାଗ୍ ନେଇଥିଲେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦିନର୍ ତାପମାତ୍ରା ବଢ଼୍‌ବାର୍‌ଥି ଲାଗିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୩ ଦିନ୍ ଭିତ୍‌ରେ ରାଜ୍ୟର୍ ଜିଲ୍ଲାମାନ୍‌କେ ଦିନର୍ ତାପମାତ୍ରାଥି ଖାସ୍ ପରିବର୍ତନ୍ ନାଇଁ ହୁଏ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସମୁଦ୍ରଖଁଡ଼ି ଇଲାକା ନ ମଧ୍ୟମ ଧରଣ୍‌ର କୁହୁଡ଼ି ଦେଖାଦେବାର୍ ସମ୍ଭାବନା ରହିଛେ ।